# ଫଳଚାଷରେ ମୁଖ୍ୟ ରୋଗପୋକ ଓ ତାର ନିୟନ୍ତ୍ରଣ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଫଳଚାଷରେ ମୁଖ୍ୟ ରୋଗପୋକ ଓ ତାର ନିୟନ୍ତ୍ରଣ

ଅନୁଗୁଳ ଜିଲ୍ଲାରେ ଆମ୍ବ, କଦଳୀ , ଲେମ୍ବୁ ଆଦି ମୁଖ୍ୟତଃ ଫଳ ହିସାବରେ ଚାଷ କରାଯାଇଥାଏ । କିନ୍ତୁ ଏହି ଫଳର ଉତ୍ପାଦନ ଶକ୍ତି ଭାରତର ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍ । ଏହି କମ୍ ଅମଳ ହେବାର କାରଣ ମାନଙ୍କ ମଧ୍ୟରେ ରୋଗ ପୋକ ଜନିତ ଆକ୍ରମଣ ମୁଖ୍ୟ ସ୍ଥାନ ଅଧିକାର କରେ । ଏହି ରୋଗ ପୋକ ଜନିତ ଆକ୍ରମଣ ଯୋଗୁଁ ଶତକଡ଼ା ୩୦ ଭାଗ କ୍ଷତି ହୋଇଥାଏ ଓ ସମୟ ସମୟରେ ଏହା ୫୦ଭାଗ ପର୍ଯ୍ୟନ୍ତ ହୋଇ ଥାଏ । ଆମ୍ବ, କଦଳୀ ଆଦି ଫସଲକୁ ଆକ୍ରମଣ କରୁଥିବା ମୁଖ୍ୟ ରୋଗପୋକ ଓ ତାର ନିୟନ୍ତ୍ରଣ ବିଷୟରେ ସଂକ୍ଷେପରେ ଆଲୋଚନା କରାଗଲା :

**ପୋକ:**

**୧ ) ଆମ୍ବ ଡାହାଣୀ:** ଏହାର ପୂର୍ଣ୍ଣାଙ୍ଗ ପୋକ ଗୁଡିକ ଆମ୍ବ ବଗିଚାରେ ନଭେମ୍ବର ବା ଡିସେମ୍ବର ମାସରେ ଅଣ୍ଡାଦେଇଥାନ୍ତି କିନ୍ତୁ ଛୁଆ ଗୁଡିକ ବଉଳ ଓ ଫୁଲର ନରମ ଅଗ ଓ ଛୋଟ କଢ଼ି ଆମ୍ବରୁ ରସ ଶୋଷିଥାନ୍ତି ଫଳରେ ଫୁଲ ଓ କଢ଼ି ଝଡିପଡେ । ସେମାନଙ୍କ ମଳତ୍ୟାଗ ଫଳରେ ସୁଟିମୋଲ୍ଡ ନାମକ କଳା ରଙ୍ଗର ଫିମ୍ପି ବଢ଼ି ଆମ୍ବକୁ ନଷ୍ଟ କରିବା ସହ ଛୋଟ ଆକାରର କରିଦିଏ । ଜାନୁୟାରୀ ମାସକୁ ଥଣ୍ଡା ସମୟରେ ଝିପିଝିପି ବର୍ଷାହେଲେ ଏମାନଙ୍କ ସଂଖ୍ୟା ବଢ଼ିଯାଏ ଓ ଫଳ ସବୁ ଝଡିପଡେ । ଖରାଦିନ ଆଡ଼କୁ ଏମାନେ ପତ୍ର ଉପରୁ ଚାଲିଆସି ଗଛ ଗଣ୍ଡିମୂଳରେ ଏକାଠି ହୋଇ ରହିଥାନ୍ତି ।

**ନିୟନ୍ତ୍ରଣ :**

କ) ବଗିଚାରେ ପାଣି ଜମି ରହିଲେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଯୋଗୁଁ ଏମାନଙ୍କର ସଂଖ୍ୟା ବଢ଼ିଥାଏ । ଏଣୁ ଜଳ ସେଚନକୁ ନିୟନ୍ତ୍ରଣରେ ରଖନ୍ତୁ ।

ଖ) ଗଛ ସଂଖ୍ୟା ଅଧିକ ନରଖି ୩୦ଫୁଟ ବା ୨୫ଫୁଟ ଦୂରତ୍ୱରେ ଲଗାନ୍ତୁ ।

ଗ) ବର୍ଷାଦିନ ପରେପରେ ବଗିଚାରୁ ଘାସ ସଫାକରି ଭଲରେ ଦୁଇଓଡ଼ ଚାଷ କରିଦିଅନ୍ତୁ ।

ଘ) ଖରାଦିନେ ବଗିଚାରେ ପଡ଼ିଥିବା ଶୁଖିଲା ପତ୍ର ଓ ଡ଼ାଳକୁ ଏକାଠି କରି ଏହା ଉପରେ କିଛି ମାଟି ରଖି ନିଆଁ ଲଗାଇ ଦିଅନ୍ତୁ ।

ଙ) ବଗିଚାରେ ପର୍ଯ୍ୟାୟ ଭିତ୍ତିକ କୀଟନାଶକର ସିଞ୍ଚନକରନ୍ତୁ । ଆମ୍ବଗଛର ଅଗ ଫୁଲି ବଉଳ ବାହାରିବା ସମୟରେ ଥରେ ଇମିଡ଼ାକ୍ଲୋପ୍ରିଡ୍ (୩ମିଲି/ ୧୦ଲି. ପାଣି) ଫୁଲ ଫୁଟିବା ଆରମ୍ଭ ହେଲେ ଥରେ ଟ୍ରାଇଆଜୋଫସ୍ (୧ଗ୍ରାମ/ଲି. ପାଣି) ଓ ଆମ୍ବ ଚଣା କଷି ଗଡ଼ାଇବା ସମୟରେ ପୁଣି ଥରେ ଇମିଡ଼ାକ୍ଲୋପ୍ରିଡ୍ (୩ମିଲି./ ୧୦ଲି ପାଣି)ରେ ପ୍ରୟୋଗ କରନ୍ତୁ ।

**୨ ) ଦହିଆପୋକ ଓ କାତି ପୋକ :** ଏମାନେ ବହୁ ସଂଖ୍ୟାରେ ଫଳ ଡ଼େମ୍ଫରେ ଓ ଫଳ ଉପରେ ରହି ରସ ଶୋଷନ୍ତି । ବିଶେଷ କରି ମିଠା କିସମ ଯଥା ବାଇଗଣପଲ୍ଲୀ, ଲାଙ୍ଗଡ଼ା ଇତ୍ୟାଦିରେ ଏମାନଙ୍କର ସଂଖ୍ୟା ଅଧିକ ଦେଖାଯାଏ । ମାଈପୋକଗୁଡ଼ିକ ଖରାଦିନ ପରେ ଗଛରୁ ଆସି ମାଟି ଭିତରକୁ ଯାଇ ଅଣ୍ଡାଦିଅନ୍ତି ଓ ଅଣ୍ଡାକୁ ପୁଣି ଅଠା ଭଳି ପଦାର୍ଥ ଘୋଡ଼ାଇ ଦିଅନ୍ତି । ଏମାନେ ଅକ୍ଟୋବର, ନଭେମ୍ବର ମାସକୁ ଗଛ ଉପରକୁ ଚଢ଼ନ୍ତି ଓ ରସଶୋଷି ନଷ୍ଟକରନ୍ତି । ଫଳରେ ଏମାନଙ୍କ ଝାଡ଼ାରୁ ନିର୍ଗତ ଶର୍କରା ପଦାର୍ଥରେ ସୁଟିମୋଲ୍ଡ ହୋଇ ଫସଲର ଅଧିକକ୍ଷତି କରନ୍ତି ।

**କାତିପୋକ**ଗୁଡ଼ିକ ଟାଣ ଓ ଏମାନଙ୍କ ଛୁଆଗୁଡ଼ିକ ଈଷତ୍ ଲୋହିତ ଏବଂ ଏମାନେ ଉପରୋକ୍ତ ଦହିଆପୋକ ପରି କ୍ଷତି କରନ୍ତି । ଶୀତଦିନ ଆରମ୍ଭରେ ଏମାନଙ୍କ ଛୁଆ ଗୁଡ଼ିକ ମୂଳରୁ ଉଠିଆସି ନରମ ପତ୍ରର ତଳଭାଗ ଓ କଳି ଅଂଶରେ ରହି ରସ ଶୋଷନ୍ତି । ଏମାନଙ୍କ ଆକ୍ରମଣରୁ ଫଳରେ ଅମଳ ଓ ବଜାର ଦାମ୍ କମିଯାଏ ।

**ପ୍ରତିକାର :** କ) ଶୀତଦିନ ଆରମ୍ଭ ପୂର୍ବରୁ ଗଛମୂଳରେ ୧ଫୁଟ ଓସାରର ଆଲକାଥେନ୍ ବ୍ୟାଣ୍ଡ ଓ ତା' ଉପରେ ଗ୍ରୀସ୍ ବୋଳିଦିଅନ୍ତୁ । ଛୁଆ ଗୁଡ଼ିକ ଏହି ଗ୍ରୀସ୍‌ରେ ଲାଗି ରହିଯିବେ ଓ ପରେ ତାଙ୍କୁ ସଂଗ୍ରହ କରି ମାରନ୍ତୁ ।

ଖ) ଗୋଟିଏ ଆଳୁ ଅଖାକୁ କିରୋସିନ୍ ମିଶା ପାଣିରେ ଭିଜାଇ ଗଛମୂଳକୁ ପ୍ରତି ୧୫ଦିନ ଅନ୍ତରରେ ଶୀତ ଦିନରେ ଘସି ଦେଲେ ଛୁଆ ଆଉ ଗଛ ଉପରକୁ ଚଢ଼ି ପାରନ୍ତି ନାହିଁ ଓ ବଂଶ ବିସ୍ତାର କମିଯାଏ ।

ଗ) କେତେକ ସର୍ବାଙ୍ଗ ଭେଦୀ କୀଟନାଶକ ଯଥା ଇମିଡାକ୍ଲୋପ୍ରିଡ୍ ବା ଆସିଟାମିପ୍ରିଡ୍ (୩ମିଲି/ଲିଟର) ଡିସେମ୍ବର ଓ ଜାନୁଆରୀ ମାସରେ ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କଲେ ଏମାନଙ୍କ

ଛୁଆଙ୍କୁ ଦମନ କରିବା ସହଜ ହୋଇଥାଏ।

(ଘ) କ୍ରିପଟୋଲାଇମସ୍ ମନଟ୍ରୋଜେରୀ ନାମକ ପରଭୋଜୀ କୀଟର ଶଲଭକୁ ପ୍ରତି ଗଛ ୨୦ ଟି ହିସାବରେ ଛାଡିଲେ ସେମାନେ ଏହି ଜାତିପୋକ ଓ ଦହିଆ ପୋକକୁ ଖାଇ ସେମାନଙ୍କର ସଂଖ୍ୟା କମାଇ ଦେଇଥାନ୍ତି।

**୩) ଟାକୁଆ ଖିଆ ଘୁଣି ପୋକ :** ଶୁଣ୍ଢ ଥିବା କଳାରଙ୍ଗର ଏହି ଘୁଣି ପୋକମାନେ ଫଳ କସିଥିବା ବେଳେ ତା ଡେମ୍ଫ ତଳେ ଅଣ୍ଡା ଦିଅନ୍ତି ଓ ଛୁଆ ବାହାରି ଫଳର ମାଂସ କଣାକରି ଖାଇ ଟାକୁଆ ଭିତରେ ପଶିଯାଆନ୍ତି ଓ ସେହିପରି ଖାଇ ପରେ କୋଷାକରନ୍ତି। ଫଳ ପାଚିବା ପରେ ପୂର୍ଣ୍ଣାଙ୍ଗ ପୋକ ଗୁଡିକ ସେଥିରୁ ଫଳ କଣାକରି ବାହାରି ମାଟି ତଳକୁ ଯାଇ ଲୁଚି ଯାଆନ୍ତି।

**ନିୟନ୍ତ୍ରଣ :**

(କ) ନିରନ୍ତର ସର୍ବେକ୍ଷଣ ସମୟରେ ବଗିଚା ଭିତରେ ପଡିଥିବା ଆକ୍ରାନ୍ତ ଫଳ ସବୁ ବାହାରକୁ ନେଇ ନଷ୍ଟ କରିଦିଅନ୍ତୁ।

(ଖ) ଫଳ ତୋଳି ସାରିବା ପରେ ବଗିଚା ଭଲଭାବରେ ୨ ଓଡ ଚାଷକରିଦେଲେ ମାଟି ତଳେ ଲୁଚିଥିବା ପୂର୍ଣ୍ଣାଙ୍ଗ ପୋକ ଗୁଡିକ ବାହାରକୁ ଆସି ମରିଯାଆନ୍ତି।

(ଗ) ଫଳ କସିଥିବା ବେଳେ ୧୫ ଦିନ ଅନ୍ତରରେ ୨ଥର, ଥରେ ଇମିଡାକ୍ଲୋପ୍ରିଡ୍ (୩ମି.ଲି/ଲିଟର ପ୍ରତି) ଓ ଅନ୍ୟ ଥରେ ଆସିଫେଟ୍ (୧ ଗ୍ରାମ୍/ଲିଟର ପ୍ରତି ) ସିଞ୍ଚନ କଲେ ଏମାନଙ୍କ ନିୟନ୍ତ୍ରଣ ହୋଇଥାଏ।

**୪) ଫଳମାଛି :** ସାଧାରଣ ମାଛିଠାରୁ ଆକାରରେ ସାମାନ୍ୟ ବଡ ଇଷତ୍ ହଳଦିଆ ରଙ୍ଗର ଏହି ମାଛି ଗୁଡିକ ପାକଳ ଫଳର ତଳେ ଅଣ୍ଡା ଦେଇଥାନ୍ତି। ଏଥିରୁ ଛୁଆ ବାହାରି ଫଳର ରସ ଖାଆନ୍ତି। ଆକ୍ରାନ୍ତ ଫଳଗୁଡିକ ପଚିଯାଏ ଓ ପୁରା ପାକଳ ହେବା ଆଗରୁ ଖସି ପଡେ। ଛୁଆଗୁଡିକ କିଛିଦିନ ପରେ ଫଳରୁ ବାହାରି ଆସି ମାଟିରେ କୋଷା କରନ୍ତି। ସେଥିରୁ କିଛି ଦିନ ପରେ ପୂର୍ଣ୍ଣାଙ୍ଗ ମାଛି ବାହାରି ଏମାନେ ଆକ୍ରମଣ କରୁଥିବା ଅନ୍ୟ ଫଳ ଯଥା କଦଳୀ ,କମଳା , ପିଜୁଳି ଇତ୍ୟାଦିରେ ପଶି ଆକ୍ରମଣ କରନ୍ତି। ବିଳମ୍ବରେ ପାଚୁଥିବା ମିଠା କିସମ ଯଥା ଆମ୍ରପାଲ୍ଲୀ , ଦସେରୀ, ମଲ୍ଲିକା ଇତ୍ୟାଦିକୁ ଏମାନେ ବେଶୀ ଆକ୍ରମଣ କରନ୍ତି।

**ପ୍ରତିକାର :**

(କ) ବର୍ଷାଦିନେ ବଗିଚାକୁ ଦୁଇ ଓଡ ଭଲରେ ଚାଷ କଲେ ମାଟି ଭିତରେ ଥିବା କୋଷା ବାହାରକୁ ବାହାରି ଆସି ମରିଯିବେ ବା ଚାଷ ସହ ମାଟିରେ ଏକର ପ୍ରତି ୫ କି.ଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ମିଶାଇଦେଲେ ଆହୁରି ଭଲ ଫଳ ମିଳିଥାଏ।

(ଖ) ଆକର୍ଷକ ବିଷ ଥୋପର ପ୍ରୟୋଗ : ଗୋଟିଏ ମାଟି ସରାରେ ୫୦ ମିଲି ମାଲାଥିଅନ ଦ୍ରବଣ, ୩୦ଗ୍ରାମ ଗୁଡ ବା ଚିନି, ଗୋଟିଏ ଇଷ୍ଟ ବଟିକା, ୨୦ଗ୍ରାମ ମାଛ ଶୁଖୁଆର ଗୁଣ୍ଡକୁ ରଖି କିଛି ପାଣି ସହ ୨ ଦିନ ପଚାଇ ପରେ ବଗିଚାରେ ରଖନ୍ତୁ। ଏକର ପ୍ରତି ୮ରୁ ୧୦ଟି ସରା ଯଥେଷ୍ଟ। ଏଥିରେ ଫଳ ମାଛି ଗୁଡିକ ଆକର୍ଷିତ ହୋଇ ଆସିବେ ଓ ପରେ ସେମାନଙ୍କୁ ଧରି କିରୋସିନ୍ ବା କିଛି ବିଷ ମିଶା ପାଣିରେ ପକାଇ ମାରନ୍ତୁ।

## :ଆମ୍ବରେ ଲାଗୁଥିବା ରୋଗ:

**୧. ପାଣ୍ଡୁରକ ରୋଗ :** ବଉଳ ଓ ପତ୍ର ଉପରେ ଧଳା ଧଳା ଦାଗ ହୋଇ ଫୁଲ ଝଡିପଡେ। ଶୀତଦିନେ ବର୍ଷାପାଗ ରହିଲେ ଏହାର ପାଦୁର୍ଭାବ ଅଧିକ ହୋଇଥାଏ। ବେଳେ ବେଳେ ପତ୍ର ଓ ଛୋଟ ଫଳ ମଧ୍ୟ ଆକ୍ରାନ୍ତ ହୋଇ ଗଛରୁ ଝଡିପଡେ ଓ ଗଛର ଅମଳ କମିଯାଏ।

**ପ୍ରତିକାର :** ଗନ୍ଧକ ସେଚିତ ଗୁଣ୍ଡକୁ ପ୍ରତି ଲିଟର ପାଣିରେ ୩ ଗ୍ରାମ ଗୁଣ୍ଡ ବା ଟ୍ରାଇଡିମର୍ଫ ପ୍ରତି ଲିଟର ପାଣିରେ ୧ମି.ଲି ମିଶାଇ ପ୍ରୟୋଗ କରିବା ସହ ଡାହାଣୀ ଦମନ ପାଇଁ ଉପଯୁକ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ।

**୨. ମାଲଫରମେସନ (ବଉଳା ମୋଟା ରୋଗ) :** ଏହି ରୋଗ ଫିମ୍ପି ଆକ୍ରମଣ ତଥା ଖାଦ୍ୟସାର ଅଭାବରୁ ହୋଇଥାଏ। ଏଥିରେ ବଉଳ ମୋଟା ହୋଇ ଗୋଟିଏ ପେଣ୍ଡୁ ଭଳି ଦିଶେ ଓ ଫୁଲରୁ ଫଳ

ହୋଇପାରେ ନାହିଁ । ଏହି ରୋଗଟି ଗୋଟିଏ ଗଛରୁ ଅନ୍ୟଗଛକୁ ଏକଜାତୀୟ ଅଷ୍ଟପଦୀ ଦ୍ୱାରା ବ୍ୟାପିଥାଏ । ବେଳେ ବେଳେ ଅନ୍ୟ ପତ୍ର ଗୁଡ଼ିକ ଛୋଟ ଛୋଟ ହୋଇ ଗୋଟିଏ ଗଣ୍ଠିରୁ ବାହାରିଲା ଭଳି ଦିଶେ ଓ ପରେ ଡ଼ାଳର ବୃଦ୍ଧି ହୋଇନଥାଏ।

**ପ୍ରତିକାର :**

କ) ଆକ୍ରାନ୍ତ ବଉଳ ଓ ଡ଼ାଳକୁ କାଟି ଦୂରରେ ନଷ୍ଟ କରିଦିଅନ୍ତୁ।

ଖ) ବଉଳ ଆରମ୍ଭ ହେବା ସମୟରେ ବାଭିଷ୍ଟିନ ଗୁଣ୍ଡ ୨ ଗ୍ରାମକୁ ଲିଟର ପ୍ରତି ପାଣିରେ ମିଶାଇ ଓ ୭ଦିନ ପରେ ଇମିଡ଼ାକ୍ଲୋପ୍ରିଡ୍ (୩ମି.ଲି/ ୧୦ଲି. ପାଣି) ସହ ସିଞ୍ଚନ କରନ୍ତୁ।

**୩. ଗାନୋଡ଼ର୍ମା ଚେରସଢ଼ା :** ଆକ୍ରାନ୍ତ ଗଛର ପତ୍ର ଗୁଡ଼ିକ ନିର୍ଜିବ ହୋଇ ଝଡ଼ିପଡ଼େ ଓ ପରେ ଗଛଟି ଶୁଖି ମରିଯାଇଥାଏ। ବର୍ଷାଦିନେ ଗଛର ଗଣ୍ଠିରେ ଛତୁଫୁଟି ଯାଏ। ଏଭଳି ଗଛର ଚେର ଗୁଡ଼ିକ ଅତି ହାଲୁକା ହୋଇଯାଇଥାଏ ଓ ହାତରେ ଧରିଲେ ଗୁଣ୍ଡ ହୋଇଯାଏ।

**ପ୍ରତିକାର :**

କ) ଆକ୍ରାନ୍ତ ଗଛ ଓ ଚେର ନଷ୍ଟ କରି କରି ଦିଅନ୍ତୁ।

ଖ) ଚେରକୁ ଡ଼ିନୋକ୍ୟାପ୍ ଫିମ୍ପି ନାଶକ ବା ଟ୍ରାଇକୋଡ଼ର୍ମା ଭିରିଡ଼େରେ ବିଶୋଧନ କରି ଚେରକୁ ମାଟିଦ୍ୱାରା ଘୋଡ଼ାଇ ଦିଅନ୍ତୁ।

## ମୁଖ୍ୟ ପୋକ ଓ ରୋଗ ଗୁଡ଼ିକର ବଂଶବୃଦ୍ଧିର ସମୟ ଓ ସେ ସମୟର ପରିବେଶ

୧. **ଆମଡ଼ାହାଣୀ :** ଛାଇ ସହ ଜଳବାୟୁରେ ଆର୍ଦ୍ରତା ଓ ଅଧିକ ଉତ୍ତାପ – ଫେବୃୟାରୀ ରୁ ଏପ୍ରିଲ ମାସ।

୨. **ଦହିଆପୋକ :** ନଭେମ୍ବର ରୁ ମାର୍ଚ୍ଚ ମାସ ଭିତରେ ଥଣ୍ଡା ଜଳବାୟୁ।

୩. **ଫଳମାଛି :** ମେ ରୁ ଜୁଲାଇ ମାସ ଭିତରେ ଅଧିକ ଉତ୍ତାପ ସହ ଜଳବାୟୁରେ ଅଧିକ ଜଳୀୟବାଷ୍ପ ।

୪. **ପତ୍ରମୋଡ଼ା :** ଜୁନ୍‌ରୁ ନଭେମ୍ବର ମାସ ଭିତରେ ଜଳବାୟୁରେ ଅଧିକ ଉତ୍ତାପ ଓ ଜଳବାୟୁ।

୫. **ଡାଳପୁଡା ପୋକ :** ଅଗଷ୍ଟରୁ ସେପ୍ଟେମ୍ବର ଭିତରେ ମଧ୍ୟମ ତାପମାତ୍ରା ଓ ଆର୍ଦ୍ରତା।

୬. **କାତିପୋକ :** ଜୁଲାଇରୁ ଅଗଷ୍ଟ ମାସ ଭିତରେ ଅଧିକ ଉତ୍ତାପ ଓ ଆର୍ଦ୍ରତା।

୭. **ପାଣ୍ଡୁରକ ପୋକ:** ମେଘୁଆ ପାଗ ସହ ସକାଳୁ ଘନ କୁହୁଡି ଓ ଜଳବାୟୁରେ ଅଧିକ ଆର୍ଦ୍ରତା

୮. **ଫଳସଢ଼ା:** ଫଳସମୟରେ ହାରାହାରି ତାପମାତ୍ରା ୨୫° ସେ ଓ ଜଳବାୟୁରେ ଅଧିକ ଆର୍ଦ୍ରତା

## ପୋକଙ୍କର ନିରନ୍ତର ସର୍ବେକ୍ଷଣ ଓ ଆର୍ଥିକ ଦୋହଲୀ ସୀମା ନିରୁପଣ :

ବଗିଚାରେ ବାରମ୍ବାର ବୁଲି ଗଛକୁ ନିରୀକ୍ଷଣ କଲେ ପୋକଙ୍କର ଆଗମନ ଓ ବଂଶ ବିସ୍ତାର ସମ୍ବନ୍ଧରେ ସୂଚନା ପାଇହୁଏ । ସେମାନଙ୍କର ସଂଖ୍ୟା ଆକଳନ କରିବା ପାଇଁ ବିଭିନ୍ନ ପଦ୍ଧତି ମଧ୍ୟରୁ ଗଛକୁ ଝାଡି ସିଧା ସଂଖ୍ୟା ଗଣନା କରିବା, ଗଣ୍ଡି ଦେହରେ ଚକ୍ର ଦାଗ ଦେଇ ତା ମଧ୍ୟରେ ପ୍ରତି ସପ୍ତାହରେ ବସୁଥିବା ଡାହାଣୀ ପୋକର ସଂଖ୍ୟା ନିରୁପଣ, ୧୦ଟି ବଉଳକୁ ଏକାଠିକରି ତାକୁ ଗୋଟିଏ ବର୍ଗ ଫୁଟ କାର୍ଡ ଉପରେ ଝାଡି ସେଥିରେ ପଡିଥିବା ଡାହାଣୀ ପୋକର ସଂଖ୍ୟା ଆକଳନ କରାଯାଏ । ଯଦି ପ୍ରତି ବଉଳ ପିଛା ୫ଟି କରି ପୂର୍ଣ୍ଣାଙ୍ଗ ଡାହାଣୀ ପୋକ ବାହାରେ, ତେବେ ବିଷ ପ୍ରୟୋଗ ଦରକାର ହୁଏ । ଏହାଛଡ଼ା ପୋକଙ୍କର ଅଣ୍ଡା ବା କ୍ଷତିର ଲକ୍ଷଣ ଓ ମାତ୍ରା ଆକଳନ କରି ଦମନ ପ୍ରକ୍ରିୟା ଆରମ୍ଭ କରାଯାଏ।

## କଦଳୀର ମୁଖ୍ୟ ରୋଗପୋକ

**୧. କଦଳୀ ଗଛରେ କାଣ୍ଡବିନ୍ଧା ପୋକ :** ସାଧାରଣତଃ ଏ ପୋକ ଅପ୍ରେଲରୁ ଅକ୍ଟୋବର ମାସ ମଧ୍ୟରେ ଗଛକୁ ବେଶୀ ଆକ୍ରମଣ କରେ। ସନ୍ତସନ୍ତିଆ ଯାଗା, ଅତ୍ୟଧିକ ସଂଖ୍ୟାରେ ଗଛଥିବା ବଗିଚା ଓ ଗଛ ମୂଳ ସଫା ହେଉନଥିବା ବଗିଚାରେ ଏ ପୋକର ପ୍ରାଦୁର୍ଭାବ ବେଶି । ବର୍ଷା ଋତୁରେ ଏ ପୋକର ଆକ୍ରମଣ ବେଶୀ ହୁଏ । ଏ ପୋକ କଦଳୀ ଭଣ୍ଡାରେ ବା କାଣ୍ଡରେ ରହୁଥିବାରୁ ସହଜରେ କୌଣସି କୀଟନାଶକ ଔଷଧ ପକାଇ ଏହାକୁ ଆୟତ କରାଯାଇ ପାରେ। ଗଛମୂଳରେ ୨୦ ବା ୪୦ ଗ୍ରାମ ଫୁରାଡନ୍ ଗୁଣ୍ଡ ଦେଲେ ଗଛଟିଏ ପୋକ ପାଇଁ ବିଷ ହୋଇଯାଏ ଓ ଗଛରେ ପୋକଥିଲେ ମରିଯାଏ ପୁଆ ଲଗାଇବା ବେଳ ପୁଆକୁ ୦.୧ ଭାଗ କ୍ଲୋରୋପାଇରିଫସ୍ ଦ୍ରବଣରେ ବୁଡାଇ ଲଗାଇଲେ (ଏକ ଲିଟର ପାଣିରେ ତିନି ମିଲି) ବା ଗଛ ମୂଳରେ ୧୦ ଗ୍ରାମ କରି ଫୁରାଡନ୍ ଦେଲେ ଏ ପୋକ ଆକ୍ରମଣ

କରେନି।

୨. **କଦଳୀ ଗଛରେ କଣା କରୁଥିବା ପୋକ :** ଏ ପୋକ କଦଳୀ ଗଛରେ ଉପରୁ ତଳକୁ ସିଧାକରି ନଳୀମାନ କରିଥାନ୍ତି । ବେଶୀ ଆକ୍ରାନ୍ତ ଗଛ ହଳଦିଆ ପଡେ ଓ ଗଛ ବଢେନି । ସାଧାରଣତଃ ଖରାଦିନେ ଓ ବର୍ଷାଦିନେ ଏ ପୋକ ବେଶି ଆକ୍ରମଣ କରନ୍ତି । ଏହାକୁ ଆୟତ କରିବା ପାଇଁ ଗଛର ମୂଳକୁ ଟ୍ରାଇଆଜୋଫସ୍ (୧ ଲିଟର ପାଣିରେ ୨ ମିଲିଲିଟର) ବା କ୍ଲୋରେପାଇରିଫସ (୧ ଲିଟରରେ ୩ ମି.ଲିଟର ସ୍ପ୍ରେ କରନ୍ତୁ)

୩. **କଦଳୀର ଜଉଆ ପୋକ :** ଜଉଆ ପୋକ ଗୁଡିକ ଦେଖିବାକୁ ଖୁବ୍ ଛୋଟ ଓ ମାଟିଆ ବା କଳା ରଙ୍ଗର। ସେମାନେ ଗଛରୁ ରସ ଶୋଷି ବଞ୍ଚନ୍ତି ଓ ଅଣ୍ଟକଦଳିଆ ରୋଗର କାରଣ ହୁଅନ୍ତି।

**ପ୍ରତିକାର:** ଟ୍ରାଇଆଜୋଫସ୍ ବା କାର୍ବୋସଲ୍ଫାଇଡ୍ରୋକ୍ଲୋରାଇଡ୍ (ଏକ ଲିଟର ପାଣିରେ ୨ ମିଲିଲିଟର ) ପକାଇ ଏ ପୋକକୁ ଆୟତ କରାଯାଏ।

## କଦଳୀର ରୋଗ

୧. **କଦଳୀରେ ପାନାମା ଝାଉଁଳା ରୋଗ:** -ଏହା ଫିମ୍ପି ଜାତୀୟ ରୋଗ । ଫିମ୍ପି କଦଳୀ ମୁଣ୍ଡା (ମୂଳ) ତଥା ଗଛର ଗଣ୍ଡି ମଧ୍ୟରେ ରହି ଖାଦ୍ୟ ପଦାର୍ଥକୁ ଅବରୋଧ କରେ । ଯାହାଦ୍ୱାରା ଗଛ କମ୍ ଖାଦ୍ୟ ପାଏ । ଏହା ଫଳରେ ପତ୍ରର ଧାର ହଳଦିଆ ପଡି ଧିରେ ଧିରେ ମଝି ଶିରା ଆଡକୁ ଗତି କରେ କିନ୍ତୁ ମଝି ଶିରାଟି ସବୁଜ ରଙ୍ଗ ରହେ । ପରେ ଏହି ସଂକ୍ରମିତ ଗଛର ପତ୍ରସବୁ ଝୁଲିପଡେ , ପରିଶେଷରେ ସମସ୍ତ ପତ୍ର ଝୁଲି ପଡେ । କାନ୍ଧି ବାହାରିବା ବେଳକୁ ସବୁ ଦାଗ ପତ୍ର ଝୁଲିପଡିଥାଏ । ଏହି ରୋଗର ଆକ୍ରମଣ ଅଧିକ ହେଲେ ଗଣ୍ଡିରେ ଫାଟ ଦେଖାଯାଏ । ପ୍ରତିକାର ସ୍ୱରୂପ ରୋଗମୁକ୍ତ ପୁଆ ବ୍ୟବହାର କରିବା ଉଚିତ୍ । ଏହି ପୁଆକୁ ବାଭିଷ୍ଟିନ୍ ୨ ଗ୍ରା/ଲି ଦ୍ରବଣରେ ବୁଡାଇବା ତଥା ଗଛକୁ ବାଭୀଷ୍ଟିନ୍ ଦ୍ରବଣରେ ଗଛ ଲଗାଇବାର ୬ ମାସ ପରେ ୨ ମାସ ଅନ୍ତରାଳରେ ଢାଳି ମାଟି ମିଶାଇବା ଉଚିତ୍ । ଏହାଛଡା ଆକ୍ରାନ୍ତ ଜମିରେ କିଛି ଦିନ ପାଇଁ କଦଳୀ ନ ଲଗାଇବା କିମ୍ବା ରୋଗପ୍ରତିରୋଧକାରି କିସମ୍ ଯଥା ରୋବଷ୍ଟା , ଡ୍ୱାର୍ଫ୍‌କାଭେଣ୍ଡିସ୍ ଇତ୍ୟାଦି ଲଗାଇବା ଉଚିତ୍।

୨. **କଦଳୀର ପତ୍ର ଦାଗ:** - ଏହାଦ୍ୱାରା ପତ୍ରର ଶିରାରେ ସମାନ୍ତରାଳରେ ଈଷତ୍ ହଳଦିଆ ରଙ୍ଗର ଦାଗ ଦେଖାଯାଏ ଏବଂ ଗାଢ ହେଲେ ବାଦାମୀ ରଙ୍ଗରେ ପରିଣତ ହୋଇଥାଏ। ସଂକ୍ରମିତ ପତ୍ର ପୋଡିଯାଏ ତଥା କାନ୍ଧିର ଆକାର ଛୋଟ ହୋଇଥାଏ। ସଂକ୍ରମିତ ପତ୍ରକୁ ନଷ୍ଟ କରିଦେବା ଉଚିତ୍ ତଥା ବ୍ଲାଇଟକ୍ସ ୫୦ କିମ୍ବା ବାଭିଷ୍ଟିନ ୨ ଗ୍ରା ସହିତ ଟିପଲ ୧ ମିଲି /ଲି ପାଣିରେ ୨-୩ ଥର ୧୦-୧୨ ଦିନ ଅନ୍ତରାଳରେ ସିଞ୍ଚନ କରିବା ଉଚିତ୍ । ଏହି ରୋଗ ଅଧିକ ଆପେକ୍ଷିକ ଆର୍ଦ୍ରତା ଓ ଅଧିକ ତାପମାତ୍ରା ଥିବାବେଳେ ବେଶୀ ହୁଏ।

## ଅନ୍ୟାନ୍ୟ ଫସଲର ରୋଗ ଓ ପୋକ

୧. **ଅମୃତଭଣ୍ଡାର ମୂଳସଢା ରୋଗ :-** ଏହି ରୋଗ ଉଭୟ ତଳି କିଆରି ତଥା ଜମିରେ ଦେଖାଯାଏ। ମୂଳ ସଢିବାଦ୍ୱାରା ଗଛ ଧୀରେ ଧୀରେ ଝାଉଁଳି ଯାଏ । ତଳି କିଆରୀରେ ମଞ୍ଜିବୁଣିବା ପୂର୍ବରୁ ପ୍ରତି କିଗ୍ରା ମଞ୍ଜିକୁ ୨ ଗ୍ରାମ୍ ଥିରାମ ଦ୍ୱାରା ଶୋଧନ କରିବା ଉଚିତ୍। ଏହାଛଡା ଗଛର ମୂଳକୁ ବାଭିଷ୍ଟିନ ୨ ଗ୍ରା/ଲି ତଥା ରିଡୋମିଲ୍ ୩ଗ୍ରା/ଲି ପାଣିରେ ଅଦଳ ବଦଳ କରି ୧୦-୧୫ ଦିନ ଅନ୍ତରାଳରେ ଭିଜାଯିବା ଉଚିତ୍। ଜମିରେ ଅଧିକ ପାଣି ଜମିବାକୁ ଦେବା ଅନୁଚିତ ବା ପଟାଳିକୁ ଗଡାଣିଆ କରିବା ଉଚିତ୍।

୨. **ଅମୃତଭଣ୍ଡାର ମୋଜାଇକ୍ ଭୂତାଣୁ :-** ପତ୍ରରେ ଦାଗ , ଶିରର ବିକୃତ ରୂପ ତଥା ଲୁଣ ପରି ଆକାର ଦେଖାଯାଏ ଏବଂ ଫଳରେ ପାଣି ଫୋଟକା ଦାଗ ପରି ଦେଖାଯାଏ। ସଂକ୍ରମିତ ଗଛକୁ ନଷ୍ଟ କରିବା ତଥା ଜଉପୋକର ନିୟନ୍ତ୍ରଣ କରିବା ଉଚିତ୍।

୩. **ସପେଟାର ପତ୍ରଦାଗ:-** ଏହି ରୋଗଦ୍ୱାରା ପତ୍ରରେ ଗୋଲାପି ରଙ୍ଗର ଗୋଲାକାର ଦାଗ ଦେଖାଯାଏ ଯାହାକି ଧିରେଧିରେ ନାଲି ହୋଇ ବାଦାମୀ ରଙ୍ଗ ଧାରଣ କରିଥାଏ । ଆକ୍ରାନ୍ତ ପତ୍ର ହଳଦିଆ ରଙ୍ଗ ହୋଇ ପାକଳ ହେବା ପୂର୍ବରୁ ଝଡି ପଡେ ଯାହାକି ଫଳ ଉତ୍ପାଦନ କମାଇଥାଏ।

**ପ୍ରତିକାର:** ମାସକୁ ଥରେ ବାଭିଷ୍ଟିନ୍ କିମ୍ବା ବ୍ଲାଇଟକ୍ସ ୫୦ ସିଞ୍ଚନ କରିବା ଉଚିତ୍ ତଥା ଗଛ ମୂଳରେ ଛେଦି କରଣ ଦ୍ୱାରା ଏହି ରୋଗ ନିୟନ୍ତ୍ରିତ ହୋଇଥାଏ।

**୪. ପଣସର ଅଣ୍ଡିରା ଫୁଲ ଏବଂ ଫଳ ସଢ଼ାରୋଗ:-** ଏହି ରୋଗର ଲକ୍ଷଣ ହେଲା ଛୋଟ ବା ଅପରିପକ୍ୱ ଫୁଲ ଏବଂ ଫଳ ଖସି ପଡିବା। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ୨-୩ ଥର ଡାଇଥେନ ଏମ୍ -୪୫ କିମ୍ବା ବ୍ଲାଇଟକ୍ସ ୫୦ କିମ୍ବା ବାଭିଷ୍ଟିନ୍ ସିଞ୍ଚନ କରିବା ଉଚିତ୍।

**୫. ଲେମ୍ବୁରେ କ୍ୟାଙ୍କର ବା ଯାଦୁରା ରୋଗ:-** ଏହା ଲେମ୍ବୁରେ ବେଶୀ ଦେଖାଯାଏ। ଛୋଟ ଗୋଲାକାର ଦାଗ ପତ୍ରର ତଳ ପାର୍ଶ୍ୱରେ ଦେଖାଯାଏ ତଥା ପରେ ପାଣିଚିଆ ରଙ୍ଗ ହୋଇ ଯାଦୁରା ହୋଇଥାଏ। ରୋଗର ତୀବ୍ରତା ବେଶୀ ହେଲେ ଛୋଟ ଡାଳ ଓ ଫଳ ଗୁଡିକୁ ସଂକ୍ରମିତ ହୋଇଥାଏ ଓ ଫଳ ଗୁଡିକରେ ଫାଟ ଦେଖାଯାଏ। ସଠିକ୍ ପୋଷଣ ତଥା ସଂକ୍ରମିତ ଡାଳକୁ କାଟିବା ସହ ପତ୍ର ଖଣି ଜାତୀୟ ପୋକକୁ ଦମନ କରିବା ଏବଂ ଦୁଇ ମାସ ଅନ୍ତରାଳରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ (୦.୫ଗ୍ରା/ଲି ପାଣି) ର ସିଞ୍ଚନ ଏକତ୍ରିତ ଭାବରେ କରିବା ଦ୍ୱାରା ସୁଫଳ ମିଳିଥାଏ।

**୬. ଅମୃତଭଣ୍ଡାର ପତ୍ର ମୋଡା ଭୂତାଣୁ :-** ଏହି ରୋଗଦ୍ୱାରା ପତ୍ର ଆକାର ଛୋଟ ହୁଏ, ପତ୍ର ମୋଡିହୋଇଥାଏ ତଥା ପତ୍ରର ହରିତ୍ କଣା ନଷ୍ଟ ହୋଇଯାଏ। ଏହି ରୋଗ ଧଳା ମାଛିଦ୍ୱାରା ବ୍ୟାପିଥାଏ। ପତ୍ରଧାର ଭିତର ଆଡକୁ ଏବଂ ତଳଆଡକୁ ମୋଡିହୋଇଯାଏ। ସଂକ୍ରମିତ ଗଛ ଫୁଲ ଓ ଫଳ ଧରିବା ଶକ୍ତି ହରାଇବସେ। ବିଶେଷ କ୍ଷେତ୍ରରେ ପତ୍ର ଝଡିଯାଏ ତଥା ଗଛର ବୃଦ୍ଧିର ଅବସାନ ଘଟିଥାଏ। ଧଳା ମାଛିକୁ ନିୟ ଣ କରିବା ତଥା ସଂକ୍ରମିତ ଗଛକୁ ନଷ୍ଟ କରିଦେବା ଉଚିତ୍।

**୭. ଡାଉନିମିଲିଡିଉ:-** ଏହି ରୋଗ କାକୁଡି , ତରଭୁଜ, ଜହ୍ନି, ଲାଉ ଓ କୋବି ଜାତୀୟ ଫସଲରେ ଦେଖାଯାଏ। ହଳଦିଆ ରଙ୍ଗର କୋଣସି ଦାଗ ପତ୍ରର ଉପର ପଟ ତଥା ତଳପଟେ ଧଳା ରଙ୍ଗର ଦାଗ ଦେଖାଯାଏ। ଦାଗ ବଢିବା ସଙ୍ଗେ ସଙ୍ଗେ ପତ୍ର ହଳଦିଆ ରଙ୍ଗ ଧାରଣ କରିଥାଏ ଓ ପରେ ଝାଉଁଳି ପଡେ

**ପ୍ରତିକାର :-** ଏହି ରେଗକୁ ନିୟନ୍ତ୍ରଣ କରିବାକୁ ହେଲେ ବ୍ଲାଇଟକ୍ସ କିମ୍ବା ରିଡୋମିଲ ୨ଗ୍ରା/ଲି ପାଣିରେ ୧୦-୧୨ ଦିନ ବ୍ୟବଧାନରେ ୨ ଥର ସିଞ୍ଚନ କରିବା ଉଚିତ୍।

**୮. ବାଇଗଣ ଫୋମାସିସବ୍ଲାଇଟ:-** ଏହି ରୋଗ ଗଛର ବା ମୂଳର କାଣ୍ଡରେ ଘନ ବାଦାମୀ ରଙ୍ଗର ଦାଗ ପଡେ ଏବଂ ଆକ୍ରାନ୍ତ ଗଛ ପଚିଯାଏ। ପତ୍ରରେ ପାଉଁଶିଆ ରୁ ବାଦାମୀ ରଙ୍ଗର ଦାଗ ଦେଖାଯାଏ। ଫଳକ୍ଷଣରେ ଇଷତ୍ ହଳଦିଆ ରଙ୍ଗର ଦାଗ ହୋଇଥାଏ। ପରେ ପରେ ଫଳ ଗୁଡିକ କଳା ରଙ୍ଗରେ ପରିଣତ ହୋଇ ସଢ଼ିଯାଏ।

**ପ୍ରତିକାର:-** ମଞ୍ଜିଶୋଧନ ପାଇଁ ଥାଇରାମ୍ ୨ଗ୍ରା/କିଗ୍ରା ତଥା ଡାଇଥେନ୍ ଏମ୍-୪୫ କିମ୍ବା ବ୍ଲାଇଟକ୍ସ ୫୦କୁ ୨ଗ୍ରା/ଲି ପାଣିରେ ମିଶାଇ ୨-୩ ଥର ସିଞ୍ଚନ କରିବା ଉଚିତ୍।

**୯. ଭୂତାଣୁ ଜନିତ ରୋଗ :-** ମୂଳା, କଲରା, କାକୁଡି, ତରଭୁଜ, କଖାରୁ, ବିନ୍, ମଟର ଓ ଭେଣ୍ଡି ଇତ୍ୟାଦିରେ ଜଉ ପୋକ ଦ୍ୱାରା ମୋଜାଇକ୍ ରୋଗ ବ୍ୟାପିଥାଏ। ଏହି ରୋଗର ଲକ୍ଷଣ ହେଲା ପତ୍ରଗୁଡିକ ହଳଦିଆ ହୋଇଯାଏ ଏବଂ ଉତ୍ପାଦନ କମିଯାଏ। ଆକ୍ରାନ୍ତ ଗଛକୁ ନଷ୍ଟ କରିଦେବା ସଙ୍ଗେ ସଙ୍ଗେ ନିୟନ୍ତ୍ରଣ ପାଇଁ କୀଟନାଶକ ପ୍ରୟୋଗ କରିବା ଉଚିତ୍। ଭେଣ୍ଡିରେ ରୋଗ ପ୍ରତିରୋଧକାରୀ କିସମ୍ ଯଥା- ଆର୍କା ଅନାମିକା ଏବଂ ଆର୍କାଅଭୟ ତଥା ନିରୋଗ ମଞ୍ଜି ବ୍ୟବହାର କରିବା ଉଚିତ୍।

**ରାସାୟନିକ ବିଷ ସିଞ୍ଚନ ପାଇଁ ସାବଧାନତା :** (କ) ଫସଲ ବଗିଚାକୁ ନିୟମିତ ସର୍ବେକ୍ଷଣ କରନ୍ତୁ। (ଖ)ଆର୍ଥିକ ଦେହଳି ସୀମା ଅତିକ୍ରାନ୍ତ କରିବା ପରେ ଠିକ୍ ବିଷ, ଠିକ୍ ପରିମାଣ ପାଣିରେ ମିଶାଇ ଠିକ୍ ସମୟରେ ସିଞ୍ଚନ କରନ୍ତୁ। (ଗ) ରାସାୟନିକ ବିଷ ସକାଳ ୮ଟା ମଧ୍ୟରେ ବା ଉପରବେଳା ୪ଟା ପରେ ସିଞ୍ଚନ କରନ୍ତୁ।


**ସମ୍ପାଦନା :**
ଡ଼. ଦେବବ୍ରତ ପାଣିଗ୍ରାହୀ

**ବିଷୟବସ୍ତୁ :**
ଡ଼. ଦେବବ୍ରତ ପାଣିଗ୍ରାହୀ
ଶ୍ରୀ ଭକ୍ତଚରଣ ଧୀର୍
ଡ଼. ବିନୀତା ଶତପଥୀ
ଶ୍ରୀ ତୀର୍ଯ୍ୟକ୍ କୁମାର ସାମନ୍ତ



ସୌଜନ୍ୟ : ଆତ୍ମା, ଅନୁଗୁଳ